# Akashvani, Sambalpur

## SAMBALPURI NEWS BULLETIN

### 2 February 2025- 6.47- 6.52 am.

*************************************************

ବଜେଟ୍        ଆର୍‌ଏନ୍‌ୟୁ/ କଟକ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗଲାକାଏଲ୍ ଲୋକ୍‌ସଭା ନ ୨୦୨୫ -୨୬ ଆର୍ଥିକ୍ ବଛର୍ ଲାଗି କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ୍ କରିଛନ୍ । ବଜେଟ୍‌ଥି ୧୦ ଟା ମୁଖିଆ କ୍ଷେତ୍ର ଉପ୍‌ରେ ଗୁରୁତ୍ୱ ଦିଆଯାଇଛେ । ସମାବେଶୀ ବିକାଶ୍ ଦିଗେ ସମ୍‌କୁ ସାମିଲ୍ କର୍‌ବାର୍‌ଟା ବଜେଟ୍‌ର ମୁଖ୍ୟ ଲକ୍ଷ୍ୟ ରହିଛେ । ଇଥର ବଜେଟ୍‌ଥି ଟିକସ୍, ଶକ୍ତି, ସହରାଂଚଲ୍ ବିକାଶ୍, ଖଣି, ଅର୍ଥନୀତି ଆର୍ ପ୍ରାଧିକରଣ୍ ବାଗିର୍ ୬ ଟା କ୍ଷେତ୍ରଥି ସଂସ୍କାର୍‌ମୂଲକ୍ ପଦକ୍ଷେପ୍ ନିଆଯିବାର୍ ଲକ୍ଷ୍ୟ ରଖାଯାଇଛେ ବଲି ଶ୍ରୀମତୀ ସୀତାରମଣ୍ କହିଛନ୍ । ସେ ଆହୁରି କହିଛନ୍ ଯେ, ଦେଶର୍ ବିକାଶ୍ ଯାତ୍ରାଥି ଚାଷ୍, ଏମ୍‌ଏସ୍‌ଏମ୍‌ଇ, ପୁଞ୍ଜି ବିନିଯୋଗ୍ ଆର୍ ରପ୍ତାନୀକେ ଜୋର୍ ଦିଆଯାଇଛେ । ଛୋଟ୍ ଉଦ୍ୟୋଗୀମାନ୍‌କୁ ଋଣ ଗେରେଂଟି ପରିମାଣ୍ ୫ କୋଟିନୁ ୧୦ କୋଟି ଟଙ୍କାକେ ବଢ଼ାବାର୍ ଲାଗି ବଜେଟ୍‌ଥି ଘୋଷ୍‌ନା ହେଇଛେ । ଦେଶେ ଶହେ ପ୍ରତିଶତ୍ ଜଲଯୋଗାଣ ଲକ୍ଷ୍ୟ ହାସଲ୍ ଲାଗି ଅର୍ଥମନ୍ତ୍ରୀ

ଜଲ୍‌ଜୀବନ୍ ମିଶନ୍‌କେ ୨୦୨୮ ସାଲ୍‌ତକ୍ ବଢ଼ାଯିବା ବାବଦ୍ ଘୋଷ୍‌ନା କରିଛନ୍ ।

ନୂଆଁ ଟିକସ୍ ବ୍ୟବସ୍ଥା ଜରିଏ ମଧମ୍ ବର୍ଗ ଆର୍ ଚାକ୍‌ରିଆ ମାନ୍‌କର୍ ଲାଗି ସର୍‌କାର୍ ଭିନ୍ ଭିନ୍ ଘୋଷ୍‌ନା କରିଛନ୍ । ବଛର୍‌କ ୧୨ ଲାଖ୍‌ତକ୍ କମଉଥିବା ଲୁକ୍‌କୁ କେନ୍‌ସି ଟିକସ୍ ଦେବାର୍‌କେ ନାଇଁ ପଡ଼େ । ହେଲେ ୧୨ ଲାଖ୍‌ନୁ ଅଏତ୍‌କା କମଉଥିବା ଲୁକ୍‌କର୍ ଲାଗି ନୂଆଁ ଟିକସ୍ ବ୍ୟବସ୍ଥା ଅନ୍‌ସାରେ ଆୟକର୍ ସ୍ଲାବ୍ ଘୋଷ୍‌ନା କରାଯାଇଛେ ।

ବଜେଟ୍ ପ୍ରତିକ୍ରିୟା I&PR

ଇଥରର୍ ବଜେଟ୍ ଗୁଟେ ଐତିହାସିକ୍ ବଜେଟ୍ ବଲି କହିକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ -ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆର୍ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍‌ଙ୍କୁ ଧନ୍ୟବାଦ୍ ଜନେଇଛନ୍ । ବଜେଟ୍ ବାବ୍‌ଦେ ପ୍ରତିକ୍ରିୟା ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଚାଷୀ, ଖଟିଖିଆ, ମଧମ୍‌ବର୍ଗ ଚାକ୍‌ରିଆ, ମହିଲା, ସମ୍‌କର୍ ଲାଗି ଇ ବଜେଟ୍‌ଥି ଭଲ୍ ଖବର୍ ରହିଛେ । ୧୨ ଲାଖ୍ ଟଙ୍କାତକ୍ କମଉଥିବା ଲୋକ୍‌ମାନ୍‌କୁ ଟିକସ୍ ଦେବାର୍‌କେ ନାଇଁ ପଡ଼େ । ଯେନ୍‌ଥିର୍ ଲାଗି ଅତିକମ୍ ନ ୮୦ ହଜାର୍ ଟଙ୍କା ସଂଚୟ କରିହେବା ଆର୍ ଇଟା ଭାରତୀୟ

ଅର୍ଥନୀତିକେ ଆହୁରି ମଜ୍‌ବୁତ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କେନ୍ଦ୍ରୀୟ ଟିକସ୍‌ନୁ ମିଲୁଥିବା ରାଜ୍ୟ ଅଂଶ ବାବଦ୍ ଟଙ୍କା ଗଲାବଛର୍‌ନୁ ଇ ବଛର୍ ଖୋବ୍‌ଟେ ବଢ଼ିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ବର୍ଣ୍ଣବୋଧର ପୁନଃମୁଦ୍ରିତ ସଂସ୍କରଣ I&PR

ଭୁବ୍‌ନେଶ୍ୱର୍ କୃଷି ଭବନ୍ ପ୍ରେକ୍ଷାଲୟ ଠାନେ ଆଏଜ୍ ଭକ୍ତକବି ମଧୁସୂଦନ୍ ରାଓଙ୍କର୍ ଜୟନ୍ତୀ ଅବ୍‌ସରେ ତାଙ୍କର୍ ଲିଖିତ୍ ବର୍ଣ୍ଣବୋଧର ନୂଆଁ ସଂସ୍କରଣ୍ ଆର୍ ଓଡ଼ିଆ ଭାଷା ପ୍ରତିଷ୍ଠାନ୍ ଦ୍ୱାରା ପ୍ରକାଶିତ୍ ୩ ଟା ବହି ଉନ୍ମୋଚିତ୍ ହେବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପ୍ରଭାତୀ ପରିଡ଼ା, ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ଏକାମ୍ର ବିଧାୟକ୍ ପ୍ରମୁଖ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ୟୁନିଟ୍- ୫ର ଅଭିଯୋଗ୍ ପ୍ରକୋଷ୍ଠ ନ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ହେବା । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସରସ୍ୱତୀ ପୂଜା ଆର୍‌ଏନ୍‌ୟୁ/ ସମ୍ବଲପୁର୍

ଆଏଜ୍ ପବିତ୍ର ଶ୍ରୀପଂଚ୍‌ମୀ । ମାଘ୍ ମାସର୍ ଉଜଲ୍ ପଖର୍ ପଂଚ୍‌ମୀ ତିଥି ନ ବାଗ୍‌ଦେବୀ ସରସ୍ୱତୀଙ୍କର୍ ପୂଜା ଆରାଧନା କରାଯାଉଛେ । ହିନ୍ଦୁଧର୍ମଥି ସରସ୍ୱତୀଙ୍କୁ ଜ୍ଞାନର ଦେବୀ ବଲି କୁହାଯାଏସି । ସରସ୍ୱତୀ ପୂଜା ଲାଗି ଗାଁ ଗହଲ୍‌ନୁ ନେଇକରି ଶିକ୍ଷାନୁଷ୍ଠାନ୍‌ମାନ୍‌କେ ସରସ୍ୱତୀଙ୍କର୍ ପୂଜାର୍ ଲାଗି ଖାସ୍ ବ୍ୟବସ୍ଥା କରାଯାଇଛେ । ଇ ତିଥି ନ ଛୁଆମାନେ ପହେଲାକରି ଖଡ଼ି ଛୁଇଁବାର୍ ସହେତେ ବିଦ୍ୟାରମ୍ଭ କର୍‌ବାର୍ ପରମ୍ପରା ରହିଛେ ।

ଉତ୍ସବ୍ ପ୍ରଧାନ୍‌ପାଟ୍ ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ଦେବ୍‌ଗଡ଼୍ ବଡ଼ବଗିଚା ମୁକ୍ତାକାଶ ରଙ୍ଗମଂଚ୍ ନ ଉତ୍ସବ୍ ପ୍ରଧାନ୍‌ପାଟ୍-୨୦୨୫ ଆର୍ ପଲ୍ଲିଶ୍ରୀ ମେଳା ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ରାଜସ୍ୱ, ବପର୍ଯ୍ୟୟ

ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଉଦ୍‌ଘାଟନ୍ କରିଥିଲେ । ଇ ଅବ୍‌ସରେ ଦେବ୍‌ଗଡ୍ ବିଧାୟକ୍ ରୋମାଂଚ ରଞ୍ଜନ୍ ବିଶ୍ୱାଲ୍ ଆର୍ ଅଲ୍‌ଗା ଅତିଥି ମାନେ ଯୋଗ୍ ଦେଇଥିଲେ । ଉପର୍‌ବେଲା ଗୁଟେ ସାଂସ୍କୃତିକ୍ ଶୋଭାଯାତ୍ରା କନକ୍‌ଦୁର୍ଗା ମନ୍ଦିର୍‌ନୁ ବାହାରିକରି ନଗର୍ ପରିକ୍ରମା କରିଥିଲା ।

ଭାରତ୍-ଇଂଲଣ୍ଡ୍ ମେଚ୍- ଟିକେଟ୍ ବିକ୍ରି ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୯ ତାରିଖ୍ ହେବାର୍‌କେ ଥିବା ଭାରତ୍-ଇଂଲଣ୍ଡ୍ ଦିନ୍‌କିଆ ମେଚ୍ ଲାଗି ଆଏଜ୍‌ଠାନୁ ଅନ୍‌ଲାଇନ୍‌ଥି ଟିକେଟ୍ ବିକ୍ରି ମୁଲ୍ ହେବା । ଉପର୍‌ବେଲା ୪ ବଜେନୁ ଅନ୍‌ଲାଇନ୍ ପୋର୍ଟାଲ୍ ଖୁଲ୍‌ବା ଆର୍ ପାଖାପାଖି ୪ ହଜାର୍ ଟିକେଟ୍ ଅନ୍‌ଲାଇନ୍‌ଥି ବିକ୍ରି ହେବା ବଲି ସୂଚ୍‌ନା ମିଲିଛେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଗଲାକାଏଲ୍ ହେଇଥିବା ହକି ଇଣ୍ଡିଆ ଲିଗ୍‌ର ଫାଇନାଲ୍ ମେଚ୍‌ଥି ସ୍ରାଚୀ ରାହ ବେଙ୍ଗଲ୍ ଟାଇଗର୍ସ - ହାଇଦ୍ରାବାଦ୍ ତୋଫାନ୍‌କେ ୪-୩ ଗୋଲ୍‌ଥି ହରେଇକରି ଟାଇଟେଲ୍ ବିଜେତା ହେଇଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେଇକରି ଦୁହି ଦଲ୍‌କେ ଶୁଭେଚ୍ଛା ଜନେଇଥିଲେ । ଦେଶେ ହକିର୍ ବିକାଶ୍ କ୍ଷେତ୍ରଥି ପ୍ରଶଂସକ୍‌ମାନ୍‌କର୍ ସମର୍ଥନ୍ ଆର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ଆଏ ବଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ତାପମାତ୍ରା ବଢ଼୍‌ବାର୍ ସହେତେ ଶୀତ୍ କମିଛେ । ଗଲା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଦିନର୍ ସବୁନୁ ଜହ ତାପମାତ୍ରା ୩୦ ଡିଗ୍ରୀ ଉପ୍‌ରେ ଥିଲା । ପାରଲାଖେମୁଣ୍ଡି ନ ସବୁନୁ ଅଏତ୍‌କା ୩୫ ଦଶ୍‌ମିକ୍ ୬ ଡିଗ୍ରୀ ରେକର୍ଡ଼ କରାଯାଇଥିବାର୍ ବେଲେ ଝାର୍‌ସୁଗୁଡ଼ା ନ ୩୫ ଦଶ୍‌ମିକ୍ ୨, ସୁବର୍ଣ୍ଣପୁର୍ ନ ୩୫ ଦଶ୍‌ମିକ୍‌୧, ବଲାଙ୍ଗିର୍ ନ ୩୫ ଆର୍ ସମ୍ବଲ୍‌ପୁର୍ ନ ୩୪ ଦଶ୍‌ମିକ୍ ୭ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ଆଏବା ୪ ନୁ ୫ ଦିନ୍ ତକ୍ ତାପମାତ୍ରାଥି କେନ୍‌ସି ପରିବର୍ତନ୍ ନାଇଁ ହୁଏ ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତରଫୁ କୁହାଯାଇଛେ ।